ଜି. ବି. ପନ୍ତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

*ବନାମ*

କେଶୋ ରାମ୍

5 ମେ, 1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ: ଅନୁଚ୍ଛେଦ 311(2) - ଜି. ବି. ପନ୍ତ କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର କର୍ମଚାରୀ - ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ କର୍ମଚାରୀଙ୍କ ସେବା ସମାପନ - ନିର୍ଣ୍ଣୟ କରାଯାଇଥିଲା, ଯେହେତୁ ଅନୁଚ୍ଛେଦ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିଚାଳିତ ନୁହେଁ ଆଦେଶଟି ଅନୁଚ୍ଛେଦ 311 (2) କୁ ଉଲ୍ଲଂଘନ କରିନଥିଲା*

*ସେବା ଆଇନ: ଜି. ବି. ପନ୍ତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ:*

*ସହକାରୀ ବ୍ଲକ ଅଧୀକ୍ଷକ - ସେବା ସମାପନ - ନିର୍ଣ୍ଣୟ କରାଯାଇଥିଲା, ନିଯୁକ୍ତି ଆଦେଶ କିମ୍ବା ପ୍ରାସଙ୍ଗିକ ନିୟମ ସମ୍ବନ୍ଧରେ ତଦନ୍ତ ନକରି ଜଣେ ଅସ୍ଥାୟୀ କର୍ମଚାରୀଙ୍କ ସେବା ସମାପନ କରିବା ପାଇଁ କର୍ତ୍ତୃପକ୍ଷ ଉନ୍ମୁକ୍ତ ଅଟନ୍ତି*

**ଅପିଲକାରୀ-ବିଶ୍ୱବିଦ୍ୟାଳୟ ଦ୍ୱାରା ନଭେମ୍ବର, 1972 ରେ ଉକ୍ତ ଚୁକ୍ତିନାମାର ସର୍ତ୍ତାବଳୀ, ଯେ ଯେ ଏକ ମାସର ଅଧିସୂଚନା କିମ୍ବା ପ୍ରତି ବଦଳରେ ଦରମା ସହିତ ତାଙ୍କ ସେବା ସମାପନ ହୋଇପାରିବ ର ସାକ୍ଷେପ ହୋଇ ସହାୟକ ବ୍ଲକ ଅଧୀକ୍ଷକ ଭାବରେ ଉତ୍ତରଦାତାଙ୍କୁ ନିଯୁକ୍ତ କରାଯାଇଥିଲା । ସେ ଅନିୟମିତ ଥିଲେ ଏବଂ ଛୁଟି ନ ନେଇ ଅନୁପସ୍ଥିତ ଥିଲେ । ମାର୍ଚ୍ଚ 1976 ରେ ତାଙ୍କର ସେବା ସମାପନ ହୋଇଥିଲା । ସେ ଏକ ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ ଯେ ବରଖାସ୍ତ ଆଦେଶ ବେଆଇନ ଥିଲା, କାରଣ ଏହା ଦଣ୍ଡ ସ୍ୱରୂପ ଥିଲା ଏବଂ ତାଙ୍କୁ ନିଜର ଉତ୍ତର ଉପସ୍ଥାପନ କରିବାକୁ ସୁଯୋଗ ପ୍ରଦାନ କରାଯାଇନଥିଲା । ମକଦ୍ଦମା ଡିକ୍ରି କରାଯାଇଥିଲା । ଅପିଲ ଦ୍ୱାରା ଏହି ଡିକ୍ରିକୁ ରଦ୍ଦ କରିଦିଆଯାଇଥିଲା । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ଏହି ଆଦେଶ ଯଦିଓ ଅନିଷ୍ଟକାରୀ ନଥିଲା, ବିନା ତଦନ୍ତରେ ପାରିତ ହୋଇଥିଲା ଏବଂ ତେଣୁ, ଏହା ସମ୍ବିଧାନର ଅନୁଚ୍ଛେଦ 311(2) ର ଉଲ୍ଲଂଘନ କରିଥିଲା ।**

ଏହା ଅପିଲୀୟ ଅଦାଲତର ଡିକ୍ରିକୁ ରଦ୍ଦ କରିଦେଇଥିଲା ଏବଂ ବିଚାରଣ ଅଦାଲତର ଡିକ୍ରିକୁ ସୁନିଶ୍ଚିତ କରିଥିଲା ।

ବିଶ୍ୱବିଦ୍ୟାଳୟ ଦ୍ୱାରା ଦାଖଲ କରାଯାଇଥିବା ବିଶେଷ ଅନୁମତି ପିଟିସନର ଫଏସଲା କରି, ଏହି ଅଦାଲତ

ନିର୍ଣ୍ଣୟ କରିଥିଲେ: 1. ସମ୍ବିଧାନର ଅନୁଚ୍ଛେଦ 311(2) ଦ୍ୱାରା ଯେହେତୁ ବିଶ୍ୱବିଦ୍ୟାଳୟ ପରିଚାଳିତ ନୁହେଁ, ତେଣୁ ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ଯେ ବରଖାସ୍ତ ଆଦେଶ ଅନୁଚ୍ଛେଦ 311(2) ର ଉଲ୍ଲଂଘନ କରିଥିଲା ତାହା ସ୍ପଷ୍ଟ ରୂପେ ବେଆଇନ ଅଟେ ।

2.1. କୌଣସି ସର୍ତ୍ତ ବିନା ବହିଷ୍କାର କରିବା ନିଜେ ଦଣ୍ଡ ମାଧ୍ୟମରେ କିମ୍ବା ଏହା ଦଣ୍ଡନୀୟ ପରିଣାମ ସହିତ ଭୋଗ କରିନଥାଏ । ଏହି ଆଦେଶର ପ୍ରଭାବ ଉପରେ ଧ୍ୟାନ ଦେବାକୁ  ପଡ଼ିବ । ଯଦି ଏହା ଦଣ୍ଡ ଦ୍ୱାରା ହୋଇଥାଏ, ତେବେ ନିୟମସମୂହ ଅନୁଯାୟୀ ନିଶ୍ଚିତ ଭାବେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଅନ୍ୟଥା, ନିଯୁକ୍ତିର ଆଦେଶ କିମ୍ବା ପ୍ରାସଙ୍ଗିକ ନିୟମ ଅନୁଯାୟୀ ତଦନ୍ତ ନକରି ଜଣେ ଅସ୍ଥାୟୀ କର୍ମଚାରୀଙ୍କ ସେବା ସମାପନ କରିବାକୁ କର୍ତ୍ତୃପକ୍ଷଙ୍କ ପାଇଁ ଉନ୍ମୁକ୍ତ ରହିଛି ।

2.2. ତତ୍କାଳୀନ ମାମଲାରେ, ଉତ୍ତରଦାତା ଜଣେ ଅସ୍ଥାୟୀ କର୍ମଚାରୀ ଥିଲେ । କାର୍ଯ୍ୟାଳୟରେ ଅନିୟମିତ ଯୋଗଦାନ ପାଇଁ ଏବଂ ଛୁଟି ନନେଇ ଅନୁପସ୍ଥିତ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ତେଣୁ ଚାକିରିରୁ ବହିଷ୍କାରକୁ ଦୁର୍ବ୍ୟବହାର କୁହାଯାଇପାରିବ ନାହିଁ କାରଣ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଦେଶ ପାରିତ ହୋଇଥିଲା, ଏହା ସ୍ୱୟଂ ବେଆଇନ ନୁହେଁ ।

2.3. ତେବେ, ଉତ୍ତରଦାତାଙ୍କୁ ସେବାରେ ପୁନଃସ୍ଥାପନ ସମ୍ବନ୍ଧରେ ମାମଲାର ତଥ୍ୟଗୁଡ଼ିକ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଡିକ୍ରିରେ ହସ୍ତକ୍ଷେପ କରାଯାଇନାହିଁ, କିନ୍ତୁ ସେ କୌଣସି ପୂର୍ବ ମଜୁରୀ ପାଇବାକୁ ହକଦାର ହେବେ ନାହିଁ ।

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 4420/1994 ।

6. A. ସଂଖ୍ୟା 1982 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 7.8.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ପି. ପି. ରାଓ, ରାଜ କୁମାର ଗୁପ୍ତା ଏବଂ ରାଜେଶ ।

ଉତ୍ତରଦାତାଙ୍କ ପକ୍ଷରୁ ଆର୍. କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । ଚୁକ୍ତିର ସର୍ତ୍ତାବଳୀର ସାପେକ୍ଷ ହୋଇ ଉତ୍ତରଦାତାଙ୍କୁ ସହକାରୀ ବ୍ଲକ ଅଧୀକ୍ଷକ ଭାବେ 30 ନଭେମ୍ବର, 1972 ରେ ନିଯୁକ୍ତ କରାଯାଇଥିଲା । ଏହି ମାମଲାର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ସର୍ତ୍ତାବଳୀ ମଧ୍ୟରୁ ଦୁଇଟି ହେଉଛି ଯେ ଖଣ୍ଡ 9 ଅନୁଯାୟୀ ଏକ ମାସର ଅଧିସୂଚନା କିମ୍ବା ଏହାର ପ୍ରତି ବଦଳରେ ଦରମା ସହିତ ତାଙ୍କ ସେବା ସମାପନ କରିବାକୁ ବାଧ୍ୟତାମୂଳକ ଥିଲା ଏବଂ ଖଣ୍ଡ 14 ର ବ୍ୟବସ୍ଥା ଅନୁଯାୟୀ ଏହିପରି ସମାପନ ପ୍ରଦାନ କରାଯାଇଥିବା ମଧ୍ୟସ୍ଥତାର ସାପେକ୍ଷ ହେବ । ଖଣ୍ଡ 12 ର ସାପେକ୍ଷ ହୋଇ ସେହି ପରିପ୍ରେକ୍ଷୀରେ ସକ୍ଷମ ଏବଂ ବଳବତ୍ତର ଥିବା ଅଧିକାରୀ କିମ୍ବା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଆଇନ, ବିଧି ଏବଂ ନିୟମାବଳୀ ଦ୍ୱାରା କର୍ମଚାରୀ ଜଣକ ଆବଦ୍ଧ ହେବେ । 26 ମାର୍ଚ୍ଚ 1976 ରେ ଉତ୍ତରଦାତାଙ୍କର ସେବା ସମାପନ କରାଯାଇଥିଲା । ଉତ୍ତରଦାତା ଏକ ଘୋଷଣା ପାଇଁ ଉକ୍ତ ଦେୱାନୀ ମକଦ୍ଦମା ଦାୟର କରିଥିଲେ ଯେ ତାଙ୍କ ବରଖାସ୍ତ ଆଦେଶ ବେଆଇନ ଥିଲା, କାରଣ ତାଙ୍କୁ ନିଜର ଉତ୍ତର ଉପସ୍ଥାପନ କରିବାକୁ ସୁଯୋଗ ପ୍ରଦାନ କରାଯାଇନଥିଲା ଏବଂ ଏହା ଦଣ୍ଡ ସ୍ୱରୂପ ଥିଲା । ବିଚାରଣ ଅଦାଲତ 24.4.1981 ତାରିଖର ଏହାର ଡିକ୍ରିରେ ଏହି ମକଦ୍ଦମାର ଡିକ୍ରି କରିଥିଲେ । ଅପିଲ ଉପରେ, ଜିଲ୍ଲା ବିଚାରପତି ଏହି ଆଦେଶ ଖାରଜ କରିଦେଇଥିଲେ । ଯେତେବେଳେ ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ଅପିଲ ଦାଖଲ କରାଯାଇଥିଲା, ପ୍ରଥମେ ଏହାକୁ ତମାଦି ଆଧାରରେ ଖାରଜ କରାଯାଇଥିଲା । C.A. ସଂଖ୍ୟା 785/89 ମାମଲାରେ, ଉଚ୍ଚ ନ୍ୟାୟାଳୟର ଆଦେଶକୁ ଏହି ନ୍ୟାୟାଳୟ ଖାରଜ କରିଦେଇଥିଲେ ଏବଂ ଗୁଣବତ୍ତା ଆଧାରରେ ଫଏସଲା କରିବାକୁ ନିର୍ଦ୍ଦେଶ ଦେଇ ମାମଲାକୁ ପ୍ରେରଣ କରିଥିଲେ । ଦ୍ୱିତୀୟ ଅପିଲ ସଂଖ୍ୟା 2908/92 ରେ 7 ଅଗଷ୍ଟ, 1992 ର ରାୟ ଏବଂ ଡିକ୍ରି ଦ୍ୱାରା ଉଚ୍ଚ ନ୍ୟାୟାଳୟ ଅପିଲୀୟ ଅଦାଲତର ରାୟ ଏବଂ ଡିକ୍ରିକୁ ଖାରଜ କରିଥିଲେ ଏବଂ ବିଚାରଣ ଅଦାଲତ ରାୟ ଏବଂ ଡିକ୍ରିକୁ ସୁନିଶ୍ଚିତ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ବିଦ୍ୟମାନ ଅଟେ ।

ଯଦିଓ ଅପିଲକାରୀଙ୍କ ପକ୍ଷରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ରାଓ ଯୁକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ ଯେ ଦେୱାନୀ ମକଦ୍ଦମା ସଂଖ୍ୟା 16/80 ରେ ଆକ୍ଷେପିତ 26.3.1976 ତାରିଖର ବରଖାସ୍ତ ଆଦେଶରେ ତମାଦି ହୋଇଥିଲା କାରଣ ମକଦ୍ଦମାର ତାରିଖ ଦିନ ତିନି ବର୍ଷର ସୀମା ଅବଧି ଅତିକ୍ରମ ହୋଇଯାଇଥିଲା, ସେହି ପ୍ରସଙ୍ଗରେ ମତ ନିର୍ଣ୍ଣୟ କରିବା ଅପିଲକାରୀଙ୍କ ପାଇଁ ଆଉ ଉପଲବ୍ଧ ନାହିଁ କାରଣ ଏହି ଅଦାଲତର ଆଦେଶ *ପୂର୍ବ ନ୍ୟାୟ* ଭାବରେ କାର୍ଯ୍ୟ କରେ । ତେଣୁ ଉକ୍ତ ସମୟ ସୀମା ମଧ୍ୟରେ ଏହି ମକଦ୍ଦମା ଦାୟର କରାଯାଇଥିଲା ।

ପରବର୍ତ୍ତୀ ସମୟରେ ଏହା ଯୁକ୍ତି କରାଯାଇଛି ଯେ ଜିଲ୍ଲା ଅଦାଲତ ତଥା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଯେ ଉତ୍ତରଦାତା ବିଶ୍ୱବିଦ୍ୟାଳୟ ଦ୍ୱାରା ନିଯୁକ୍ତ ଜଣେ ଅସ୍ଥାୟୀ କର୍ମଚାରୀ ଥିଲେ, ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଦେଶ ଯଦିଓ କ୍ଷତିକାରକ ନଥିଲା, ଏହା ଦଣ୍ଡ ସ୍ୱରୂପ ଥିଲା ଏବଂ ତେଣୁ, ଯଦି ତଦନ୍ତ ବିନା ବହିଷ୍କାର ଆଦେଶ ସମ୍ବିଧାନର ଅନୁଚ୍ଛେଦ 311(2) ଉଲ୍ଲଂଘନ କରେ ତେବେ ତାହା ବେଆଇନ ଅଟେ । ଉକ୍ତ ଯୁକ୍ତିରେ ଆମେ ସାମର୍ଥ୍ୟ ପାଇଛୁ । ଏହା ସ୍ଥିରୀକୃତ ଆଇନ ଯେ ଉକ୍ତ ଆଦେଶ ଯଦିଓ କ୍ଷତିକାରକ ନୁହେଁ, ପର୍ଦ୍ଦାଫାଶ କରିବା ଏବଂ ଅସ୍ଥାୟୀ ନିଯୁକ୍ତିକୁ ସମାପନ କରିବାର କାରଣ ଖୋଜିବା ପାଇଁ ଅଦାଲତ ଉନ୍ମୁକ୍ତ ଅଟନ୍ତି । ଯଦି ଏହା ଦଣ୍ଡ ଆକାରରେ ହୋଇଥାଏ, ତେବେ ନିୟମ ଅନୁଯାୟୀ ନିଶ୍ଚିତ ଭାବେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଅନ୍ୟଥା, ନିଯୁକ୍ତି ଆଦେଶ କିମ୍ବା ପ୍ରାସଙ୍ଗିକ ନିୟମ ସମ୍ବନ୍ଧରେ ତଦନ୍ତ ନକରି ଜଣେ ଅସ୍ଥାୟୀ କର୍ମଚାରୀଙ୍କ ସେବା ସମାପ୍ତ କରିବାକୁ କର୍ତ୍ତୃପକ୍ଷ ଉନ୍ମୁକ୍ତ ଅଟନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଜିଲ୍ଲା ନ୍ୟାୟାଳୟର ସିଦ୍ଧାନ୍ତ ହେଉଛି ଯେ ଉତ୍ତରଦାତା ଜଣେ ଅସ୍ଥାୟୀ କର୍ମଚାରୀ ଅଟନ୍ତି । ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା କାରଣ ଉତ୍ତରଦାତା ଛୁଟି ନନେଇ ଅନିୟମିତ ଭାବରେ ଅନୁପସ୍ଥିତ ଥିଲେ ଏବଂ ତେଣୁ ତାଙ୍କ ସେବା ସମାପନ କରାଯାଇଥିଲା । କୌଣସି ସର୍ତ୍ତ ବିନା ବହିଷ୍କାର କରିବା ନିଜେ ଦଣ୍ଡ ମାଧ୍ୟମରେ କିମ୍ବା ଏହା ଦଣ୍ଡନୀୟ ପରିଣାମ ସହିତ ଭୋଗ କରିନଥାଏ । ତେଣୁ ଏହାକୁ ଦୁର୍ବ୍ୟବହାର ବୋଲି କୁହାଯାଇପାରିବ ନାହିଁ । ଏହି ଆଦେଶର ପ୍ରଭାବ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହି ମାମଲାରେ, ଯେହେତୁ କର୍ତ୍ତୃପକ୍ଷ କ୍ଷମତା ପ୍ରାପ୍ତ କରିଛନ୍ତି ଏବଂ ନିଯୁକ୍ତି ସର୍ତ୍ତାବଳୀର ସର୍ତ୍ତ ସଂଖ୍ୟା 9 ଅନୁଯାୟୀ ଏହାର ପ୍ରୟୋଗ କରିଥିଲେ, ତେଣୁ ସମାପ୍ତି ନିଜେ ବେଆଇନ ନୁହେଁ । ଯେହେତୁ ଅନୁଚ୍ଛେଦ 311(2) ଦ୍ୱାରା ବିଶ୍ୱବିଦ୍ୟାଳୟ ପରିଚାଳିତ ନୁହେଁ, ତେଣୁ ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ଯେ ସମାପ୍ତି ଆଦେଶ ଅନୁଚ୍ଛେଦ 311(2) ର ଉଲ୍ଲଂଘନ କରିଥିଲା, ତାହା ସ୍ପଷ୍ଟତଃ ବେଆଇନ

ଅଟେ । ଯଦିଓ ନିଯୁକ୍ତି ସର୍ତ୍ତାବଳୀର ଖଣ୍ଡ 14 ପକ୍ଷମାନଙ୍କ ମଧ୍ୟରେ ମଧ୍ୟସ୍ଥତାର ପରିକଳ୍ପନା କରେ, ଏହି ମାମଲାର ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି, ଆମେ ସେହି ପ୍ରଶ୍ନକୁ ବିଚାର କରିବାର ଆବଶ୍ୟକତା ନାହିଁ । ତେଣୁ ଏହି ପ୍ରଶ୍ନକୁ ଉନ୍ମୁକ୍ତ ଛାଡି ଦିଆଯାଇଛି ।

ଏହି ଅଦାଲତ 1993 ମସିହା ଫେବୃଆରୀ 2 ତାରିଖର ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା ଉତ୍ତରଦାତାଙ୍କୁ ସେବାରେ ପୁନଃସ୍ଥାପିତ କରିବାକୁ ଅପିଲକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବକେୟା ଦେୟ ପରବର୍ତ୍ତୀ ଆଦେଶର ସାପେକ୍ଷ ହେବ । ଏହାର କାର୍ଯ୍ୟକାରିତାରେ, ଯେହେତୁ ଉତ୍ତରଦାତାଙ୍କୁ ପୁନଃସ୍ଥାପିତ କରାଯାଇଛି ଏବଂ ସେବେଠାରୁ କାର୍ଯ୍ୟ କରିଆସୁଛନ୍ତି । ଯଦିଓ ଆମେ ଅପିଲକାରୀଙ୍କ କ୍ଷମତାକୁ ସମର୍ଥନ କରୁଛୁ ଯେ ନିଯୁକ୍ତି ସର୍ତ୍ତାବଳୀର ସର୍ତ୍ତ ସଂଖ୍ୟା 9 ଅନୁଯାୟୀ କ୍ଷମତାର ବ୍ୟବହାର କରି ଜଣେ ଅସ୍ଥାୟୀ କର୍ମଚାରୀଙ୍କ ସେବା ସମାପ୍ତ କରିବାକୁ ସେମାନେ ହକଦାର ଅଟନ୍ତି, ଏହି ମାମଲାର ତଥ୍ୟ ଉପରେ, ଯଦିଓ ଭିନ୍ନ କାରଣ ପାଇଁ ଆମେ ଉଚ୍ଚ ନ୍ୟାୟଳୟଙ୍କ ଡିକ୍ରିରେ ହସ୍ତକ୍ଷେପ କରିବାକୁ ପ୍ରସ୍ତାବ ଦେଉନାହୁଁ ଯାହା ବିଚରଣ ଅଦାଲତଙ୍କ ଡିକ୍ରି, ଯାହା ଉତ୍ତରଦାତାଙ୍କୁ ସେବାରେ ପୁନଃସ୍ଥାପିତ କରିଥାଏ କୁ ସୁନିଶ୍ଚିତ କରିଥାଏ । ତଥାପି, ଉତ୍ତରଦାତା କୌଣସି ପୂର୍ବ ମଜୁରୀ ପାଇବାକୁ ହକଦାର ହେବେ ନାହିଁ, କେବଳ ଅବସର କାଳୀନ ଭତ୍ତା ସୁବିଧା ଏବଂ ଅନ୍ୟାନ୍ୟ ସେବା ସୁବିଧା ଉଦ୍ଦେଶ୍ୟରେ ତାଙ୍କର ପୂର୍ବ ସେବା ଗଣନା କରାଯିବ ।

ତଦନୁସାରେ ବିନା ଖର୍ଚ୍ଚରେ ଅପିଲକୁ ଖାରଜ କରାଯାଇଛି ।

ଆର୍. ପି. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ